**କୃଷି ସୂଚନା ସେବା (ଧାନ)**

**ଭା.କୃ.ଅନୁ.ପ.-ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬**

## ୨୦୧୮ ମସିହା ଏପ୍ରିଲ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :

- ଅଧିକ ଅମଳକ୍ଷମ ଧାନ ରୋଇବାର ୬୦ ଦିନ ପରେ ଅନୁମୋଦିତ ପରିମାଣର ଏକ ଚତୁର୍ଥାଂଶ ଯବକ୍ଷାରଜାନ ସାର (ଏକର ପିଛା ୨୧ କି.ଗ୍ରା. ହିସାବରେ ୟୁରିଆ) ଏବଂ ଅବଶିଷ୍ଟ ପଟାସ୍ ସାର ଶେଷ କିସ୍ତି ସାର ହିସାବରେ ପ୍ରୟୋଗ କରନ୍ତୁ । ମାତ୍ର ଶଙ୍କର କିସମ ଧାନରେ ଅନୁମୋଦିତ ଯବକ୍ଷାରଜାନ ଏବଂ ପଟାସ୍ ସାରର ଏକ ଚତୁର୍ଥାଂଶୟୁରିଆ ଏକର ପିଛା ୨୬ କି.ଗ୍ରା. ଏବଂ ପଟାସ୍ ସାର ଏକର ପିଛା ୧୦ କି.ଗ୍ରା.) ଶେଷ କିସ୍ତି ସାର ଭାବରେ ପ୍ରୟୋଗ କରନ୍ତୁ । ଜମିରେ ବାଦାମୀ ଗୁଣ୍ଡି ପୋକ ଦେଖାଦେଲେ ଶେଷ କିସ୍ତି ଯବକ୍ଷାରଜାନ ସାର ପ୍ରୟୋଗ କରନ୍ତୁ ନାହିଁ ।

- ଏହି ପକ୍ଷରେ କାଣ୍ଡବିନ୍ଧା ପୋକର ପ୍ରାର୍ଦୁଭାବ ଦେଖାଦେଇପାରେ । ଏହାର ସର୍ବେକ୍ଷଣ ପାଇଁ ଯୌନ ସଂବେଦନଶୀଳ ଯନ୍ତା ବସାନ୍ତୁ ଅଥବା ନିଜେ ବୁଲାବୁଲି କରି ତାର ସଂଖ୍ୟା ଦେଖନ୍ତୁ । ଏହା ଆର୍ଥିକ ଦେହଳୀ ସୀମାରୁ(ଏକ ବର୍ଗମିଟରରେ ଗୋଟିଏ ଅଣ୍ଡାପୁଞ୍ଜ କିମ୍ବା ୧-୨ ଟି ପ୍ରଜାପତି କିମ୍ବା ଦିନକୁ ପ୍ରତି ଯନ୍ତାରେ ୪-୫ ଟି ପୁରୁଷ ପ୍ରଜାପତି କିମ୍ବା ପ୍ରତି ବର୍ଗମିଟର ପିଛା ୧-୨ ଟି ମଞ୍ଜକିଳା) ଅଧିକା ହେଲେ ନିମ୍ନଲିଖିତ କୀଟନାଶକ ଔଷଧରୁ ଗୋଟିଏ ପ୍ରୟୋଗ କରନ୍ତୁ ।

  କ୍ଲୋରାନ୍ଥ୍ରାନିଲିପ୍ରୋଲ ୧୮.୫ ଏସ୍.ସି.୬୦ ମି.ଲି./ଏକର କିମ୍ବା

  ଟ୍ରାୟାଜୋଫସ୍ ୪୦ ଇ.ସି. ୫୦୦ ମି.ଲି./ଏକର କିମ୍ବା

  କ୍ଲୋରୋପାଇରିଫସ୍ ୨୦ ଇ.ସି. ୫୦୦ ମି.ଲି./ଏକର ।

  ସର୍ବଦା ପ୍ରତି ଏକର ପିଛା ୨୦୦ ଲିଟର ହିସାବରେ ପାଣି ବ୍ୟବହାର କରିବା ଉଚିତ୍ । କେବଳ ମଞ୍ଜକିଳା ଦେଖାଦେଲେ ଦାନାଦାର ଔଷଧ ଯଥା କାର୍ବୋଫ୍ୟୁରାନ୍ (୩ ଜି) ଏକର ପିଛା ୧୨ କି.ଗ୍ରା. କିମ୍ବା କାରଟାପ୍ ହାଇଡ୍ରୋକ୍ଲୋରାଇଡ୍ (୪ ଜି) ପ୍ରତି ଏକର ପିଛା ୧୦ କି.ଗ୍ରା. ହିସାବରେ ପ୍ରୟୋଗ କରନ୍ତୁ ।

- ଯେଉଁ ସ୍ଥାନ ମାନଙ୍କରେ ବାଦାମୀ ଗୁଣ୍ଡିପୋକ, ଧଳା ପତ୍ରଡିଆଁ ପୋକ, ପତ୍ରମୋଡା ପୋକମାନଙ୍କର ପ୍ରାର୍ଦୁଭାବ ଅଧିକ ସେଠାରେ ସେମାନଙ୍କ ସଂଖ୍ୟାକୁ ନିୟନ୍ତ୍ରଣ କରିବା ଆବଶ୍ୟକ । ସେମାନଙ୍କ ଆର୍ଥିକ ଦେହଳୀ ସୀମା ନିମ୍ନରେ ଦିଆଗଲା ।

| | | |
|---|---|---|
| ପତ୍ରମୋଡା ପୋକ | - | ପ୍ରତି ବୁଦାରେ ୧ ରୁ ୨ ନଷ୍ଟ ହୋଇଥିବା ପତ୍ର , |
| ବାଦାମୀ ଗୁଣ୍ଡିପୋକ | - | ପ୍ରତି ବୁଦାରେ ୫-୧୦ ପୋକ, |
| ଧଳା ପତ୍ରଡିଆଁ ପୋକ | - | ପ୍ରତି ବୁଦାରେ ୫-୧୦ ଟି ପୋକ । |

ଯଦି ଆର୍ଥିକ ଦେହଳୀ ସୀମାରୁ ଅଧିକ ସଂଖ୍ୟାରେ ପୋକ ଦେଖା ଦିଅନ୍ତି, ତେବେ ନିମ୍ନଲିଖିତ ପୋକମରା ଔଷଧରୁ ଯେକୌଣସି ଗୋଟିଏ, ପ୍ରତି ଏକର ପିଛା ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।

ପତ୍ରମୋଡା ପୋକ - ଟ୍ରାୟାଜୋଫସ୍ ୪୦ ଇ.ସି. ୨୫୦ ମି.ଲି./ଏକର କିମ୍ବା

ଥାୟୋମିଥୋକ୍ସାମ୍ ୨୫ ଡ଼ବ୍ଲ୍ୟୁ. ଜି ୪୦ ଗ୍ରାମ୍/ଏକର କିମ୍ବା

ନିମ୍ବତେଲ ୫ ମି.ଲି/ଲିଟର ପାଣିରେ ଶତକଡା ୨ ଭାଗ ସାବୁନ ପାଣି ମିଶାଇ ପ୍ରୟୋଗ କରନ୍ତୁ ।

ବାଦାମୀ ଗୁଣ୍ଡିପୋକ / ଧଳା ପତ୍ରଡିଆଁ ପୋକ / ସବୁଜ ପତ୍ରଡିଆଁ ପୋକ -

ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ ୫୦ ମି.ଲି./ଏକର କିମ୍ବା

ଥାୟୋମିଥୋକ୍ସାମ୍ ୨୫ ଡ଼ବ୍ଲ୍ୟୁ. ଜି ୪୦ ଗ୍ରାମ୍/ଏକର କିମ୍ବା

ଇଥୋଫେନ୍‌ପ୍ରକ୍ସ ୧୦ ଇ.ସି. ୨୦୦ ମି.ଲି./ଏକର କିମ୍ବା

ନିମ୍ବତେଲ ୫ ମି.ଲି/ଲିଟର ପାଣିରେ ଶତକଡା ୨ ଭାଗ ସାବୁନ ପାଣି ମିଶାଇ ପ୍ରୟୋଗ କରନ୍ତୁ ।

**ବି.ଦ୍ର:** ବାଦାମୀ ଗୁଣ୍ଡି ପୋକ/ଧଳା ପତ୍ରଡିଆଁ ପୋକର ସର୍ବେକ୍ଷଣ ପାଇଁ ଧାନ ଗଛର ମୂଳକୁ ଗୋଟିଏ ବାଡି ଦ୍ୱାରା ବାଡେଇ ଦେଲେ ପୋକଗୁଡିକ ପାଣିକୁ ଡେଇଁ ପଡିବେ । ସେଥିରୁ ଆମେ ସେମାନଙ୍କ ପ୍ରାର୍ଦୁଭାବ ଜାଣିପାରିବା

- ❖ ମହିଷା ରୋଗ ଦମନ ପାଇଁ କାରବେଣ୍ଡାଜିମ୍ ୫୦ ଡ଼ବ୍ଲ୍ୟୁ. ପି. ପ୍ରତି ଲିଟର ପାଣିରେ ୨ ଗ୍ରାମ୍ କିମ୍ବା ଟ୍ରାଇସାଇକ୍ଲୋଜଲ୍ ୭୫ ଡ଼ବ୍ଲ୍ୟୁ. ପି. ପ୍ରତି ଲିଟର ପାଣିରେ ୦.୬ ଗ୍ରାମ୍ ହିସାବରେ ମିଶାଇ ପ୍ରୟୋଗ କରନ୍ତୁ ।
- ❖ ବାଦାମୀ ପତ୍ର ଚିତା ରୋଗ ଦମନ ପାଇଁ ପ୍ରତିଲିଟର ପାଣିରେ ୩ ଗ୍ରାମ୍ ହିସାବରେ ମ୍ୟାଙ୍କୋଜେବ୍ ଅଥବା ୧ ମି.ଲି. ପ୍ରୋପିକୋନାଜୋଲ ମିଶାଇ ପ୍ରୟୋଗ କରନ୍ତୁ । ଏଥିସହିତ ପଟାସ୍ ସାର ଅତିରିକ୍ତ କିସ୍ତି ଭାବରେ ଏକର ପିଛା ୬ କି.ଗ୍ରା. ହିସାବରେ (ମ୍ୟୁରେଟ୍ ଅଫ୍ ପଟାସ୍ ୧୦ କି.ଗ୍ରା./ଏକର) ପ୍ରୟୋଗ କରନ୍ତୁ ।

******